## ସଂକ୍ଷେପରେ

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୯।୮: ରେଳବାଇ ଥାନା ପୋଲିସ ସୋମବାର ବାଳ ସଦନ ନିକଟ ରେଳଧରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ବଡବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହିର ସୁନୀଲ ମହାରଣା । ପୋଲିସ ମୃତଦେହ ଜବତ କରି ନଂ.୩୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରାଥମିକ ଅନୁସନ୍ଧାନରୁ ଯୁବକ ଜଣଙ୍କ ରେଳ ଧାରଣାରେ ଶୋଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ୨ ପରିବାରରେ ଗଣ୍ଡଗୋଳ

ଛତ୍ରପୁର,୧୯।୮(ଡି.ଏନ.ଏ.): ଛତ୍ରପୁର ଥାନା ଅଧୀନ ଚିକଲଖଣ୍ଡି ଗାଁରେ ରବିବାର ୨ ପରିବାର ମଧରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା । ପରେ ଉଭୟ ପକ୍ଷରୁ ଛତ୍ରପୁର ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ଛତ୍ରପୁର ପୋଲିସ ୨ ଟି ମାମଲା (ନଂ-୧୮୫ ଓ ୧୮୬) ରୁଜୁ କରି ତଦନ୍ତ ଚଳାଇଛି । ଅପରପକ୍ଷରେ ଏହି ଗଣ୍ଡଗୋଳ ମାମଲାରେ ସମ୍ପୃକ୍ତ ୪ ଜଣଙ୍କୁ ଛତ୍ରପୁର ଥାନାକୁ ଆଣି ପୋଲିସ ପଚରାଉଚୁରା କରୁଥିବା ଜଣାପଡିଛି ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ମାମଲା ରୁଜୁ

ଛତ୍ରପୁର,୧୯।୮(ଡି.ଏନ.ଏ): ଛତ୍ରପୁର ଥାନା ଅଧୀନ ପୁରୁଣା ଛତ୍ରପୁର ଛକ ନିକଟରେ ଉକ୍ତ ଗାଁର ପି. ପର୍ଶୁରାମ ରେଡ୍ଡୀଙ୍କୁ ରବିବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ପରେ ବିଳମ୍ବିତ ରାତିରେ ପର୍ଶୁରାମ ଏହି ଆକ୍ରମଣ ମାମଲାରେ ସମ୍ପୃକ୍ତ ଜଣଙ୍କ ନାଁରେ ଛତ୍ରପୁର ଥାନାରେ ଏତଲା ଦେଇଥିଲେ । ଛତ୍ରପୁର ପୋଲିସ ମାମଲା (୧୮୮/୧୯) ରୁଜୁ କରି ତଦନ୍ତ ଚଳାଇଛି । ଉକ୍ତ ଆକ୍ରମଣ ମାମଲାର ଅଭିଯୁକ୍ତ ଫେରାର ଥିବା ଜଣାପଡିଛି ।

### ନବ ବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ: ସ୍ୱାମୀ, ଶାଶୁ ଅଟକ

ପୋଲସରା/ ହାଡୀଓଟ, ୧୯।୮(ଡି.ଏନ.ଏ.): ପୋଲସରା ଥାନା ଅଞ୍ଚଳରେ ରବିବାର ଜଣେ ନବ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ସେ ହେଲେ ରାଜେଶ୍ୱରୀ ପାତ୍ର । ଝିଅକୁ ତାଙ୍କ ସ୍ୱାମୀ ଓ ଶାଶୁ ଅଧିକ ଯୌତୁକ ଆଣିବା ଦାବି କରି ମାରି ଦେଇଥିବା ମୃତକଙ୍କ ମା' ସୁଲତା ପାତ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୧୬୯/୧୯ରେ ମାମଲା ରୁଜୁ କରି ପୋଲିସ ରାଜେଶ୍ୱରୀଙ୍କ ସ୍ୱାମୀ ଓ ଶାଶୁଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି। ଅନ୍ୟପକ୍ଷରେ ରାଜେଶ୍ୱରୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସ୍ୱାମୀ କହିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ଜିତେନ୍ଦ୍ର ମଲିକ କହିଛନ୍ତି।

■ ସିବିଏସ୍‌ଇ ଦଶମ, ଦ୍ୱାଦଶ ଫି ବୃଦ୍ଧିକୁ ବିରୋଧ

# ମାନବ ଅଧିକାର ସୁରକ୍ଷା ମଞ୍ଚର ୧୦୨ତମ ଘଣ୍ଟଯାତ୍ରା

ବ୍ରହ୍ମପୁର ଅଫିସ,୧୯।୮

କେନ୍ଦ୍ରୀୟ ମାଧ୍ୟମିକ ବୋର୍ଡ(ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଫି ବୃଦ୍ଧି କରିବା ପ୍ରତିବାଦରେ ମାନବ ଅଧିକାରୀ ସୁରକ୍ଷା ମଞ୍ଚ ପକ୍ଷରୁ ୧୦୨ତମ ଘଣ୍ଟଯାତ୍ରା ସୋମବାର ଅନୁଷ୍ଠିତ ହୋଇଥିଲା । ମଞ୍ଚ କର୍ମକର୍ତ୍ତାମାନେ ସିବିଏସ୍‌ଇ ଦ୍ୱାରା ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବୃଦ୍ଧି କରାଯାଇଥିବା ଫି ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି । ଏହାର ପ୍ରତିବାଦ କରି ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କର୍ମକର୍ତ୍ତାମାନେ ଘଣ୍ଟବାଡେଇ ବିକ୍ଷୋଭ କରିଛନ୍ତି । ଶିକ୍ଷା ପ୍ରତ୍ୟେକ ନାଗରିକର ଅଧିକାର। ତେଣୁ ଭାରତବର୍ଷର ସମ୍ବିଧାନରେ ଶିକ୍ଷାକୁ ସମ୍ପୂର୍ଣ୍ଣଭାବେ ଦେୟମୁକ୍ତ ଓ ସାର୍ବଜନୀନ କରିବା ପାଇଁ ଏକ ଅଧିକାର ଭାବେ ପରିଗଣିତ କରାଯାଇଛି । କିନ୍ତୁ ଚଳିତ ଶିକ୍ଷାବର୍ଷରେ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ବିଦ୍ୟାର୍ଥୀଙ୍କ ପାଇଁ ଫି ବଢ଼ି କରି ଏହି ଶିକ୍ଷାଧିକାରକୁ ଛିନ୍ନ କରିଛନ୍ତି। ଏହାଦ୍ୱାରା ସିବିଏସ୍‌ଇ ଅଭିଭାବକଙ୍କ ଉପରେ ଆର୍ଥିକ ବୋଝ ଲଦି ଦେଉଥିବା ସେମାନେ ଅଭିଯୋଗ କରିଥିଲେ । ଫିକୁ ୨୪ ଗୁଣା ବୃଦ୍ଧି କରିବା ଦ୍ୱାରା ସାଧାରଣ ବର୍ଗ ସମେତ ଅନୁସୂଚିତ, ଜାତି ଓ ଜନଜାତିର ବହୁ ଛାତ୍ରୀଛାତ୍ର ଶିକ୍ଷାରୁ ବଞ୍ଚିତ ହେବେ ।




ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ

ଶିକ୍ଷା ଓ ଶିକ୍ଷାନୁଷ୍ଠାନଗୁଡିକର ମାନ ବୃଦ୍ଧି କରିବା ଏବଂ ଶିକ୍ଷାର ବଜାରୀକରଣ, ଘରୋଇକରଣ ଓ ଫିବୃଦ୍ଧିକୁ ପ୍ରତ୍ୟାହାର କରି ଶିକ୍ଷାକୁ ସାର୍ବଜନୀନ କରିବାକୁ ମଞ୍ଚ ଦାବି କରିଛି । ଏନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ବିକ୍ଷୋଭରେ ମଞ୍ଚ ସଂଯୋଜକ ଅବନୀକୁମାର ଗୟା, ଶ୍ୟାମସୁନ୍ଦର ଖାଡଙ୍ଗା, ମହେଶ୍ୱର ବାଡତ୍ୟା, କେ. ନନ୍ଦେଶୁ ସେନାପତି, କାଳୀ ଦାଶ, ସୁଶାନ୍ତ କୁମାର ଘୋଷ, ମାଗୁଣି ନାହକ, ବାସୁଦେବ ସାହୁକାର ଓ ମଞ୍ଚର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ବିଏସ୍‌ପି ଗଞ୍ଜାମ ଜିଲା କମିଟି ଗଠିତ



ବିଏସ୍‌ପିର ସାଙ୍ଗଠନିକ ବୈଠକ ।

ବ୍ରହ୍ମପୁର ଅଫିସ,୧୯।୮

ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ଗଞ୍ଜାମ ଜିଲା ସାଙ୍ଗଠନିକ ବୈଠକ ବ୍ରହ୍ମପୁରସ୍ଥ ଗଞ୍ଜାମ କଳା ପରିଷଦରେ ଅନୁଷ୍ଠିତ ହୋଇଯାଇଛି । ଜିଲାର ବିଭିନ୍ନ ସ୍ଥାନରୁ ଆସି ଯୋଗ ଦେଇଥିବା ଲୋକେ ଆଲୋଚନାରେ ଭାଗ ନେଇଥିଲେ। ଏହି ଜିଲାରେ ବିଏସ୍‌ପିର ସଙ୍ଗଠନକୁ ବିସ୍ତାର କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ମୁଖ୍ୟ ପ୍ରଭାରୀ ସୁଧୀର କୁମାର ନାୟକ ଅଧକ୍ଷତା କରିଥିଲେ । ଏହି ଅବସରରେ ଜିଲା କମିଟି ଗଠନ ଓ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଆସିକା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ନାୟକ ସଭାପତି ହୋଇଥିବା ବେଳେ ଛତ୍ରପୁର ଅଞ୍ଚଳର ମୋଚିରାମ ବେହେରା ଉପସଭାପତି ଏବଂ ସାନଖେମୁଣ୍ଡିର ବଳରାମ ନାୟକଙ୍କୁ ସାଧାରଣ ସମ୍ପାଦକ କରାଯାଇଛି। ସେହିପରି ଭାସ୍କର ଚୌଧୁରୀ, ବାଦଲ କାଣ୍ଡି, ପବିତ୍ର ତ୍ରିପାଠୀ, କୈଳାସ ଚନ୍ଦ୍ର ପାତ୍ର ସମ୍ପାଦକ ହୋଇଛନ୍ତି । ଅନ୍ୟ କର୍ମକର୍ତ୍ତାଙ୍କ ମଧରେ ଭୂଷଣ ନାୟକ, ସନ୍ତୋଷ ନାୟକ, ବାଲେଶ୍ୱର ସେଠୀ, ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଭଗବାନ ଗୌଡ଼ ଅଛନ୍ତି । ଜିଲାରେ ପାର୍ଟିର ସଂଗଠନକୁ ସୁଦୃଢ଼ କରାଯିବା ପାଇଁ କର୍ମକର୍ତ୍ତାମାନେ ପ୍ରୟାସ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ଗ୍ରାମାଞ୍ଚଳରେ ଶାନ୍ତି ବଜାୟ ପାଇଁ ଏସ୍‌ପିଙ୍କୁ ଫେରାଦ




ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳା, ପୁରୁଷ ।

ବ୍ରହ୍ମପୁର ଅଫିସ,୧୯।୮

ସହରତଳି ଅଞ୍ଚଳକୁ ଅଭିଯୁକ୍ତମାନେ ଏବେ ତାଙ୍କର ଆଡ୍ଡାସ୍ଥଳୀଭାବେ ବାଛିଛନ୍ତି। ବିଭିନ୍ନ ଗ୍ରାମାଞ୍ଚଳରେ ଚୋରି, ଲୁଟ ଭଳି ଘଟଣା ଘଟାଉଛନ୍ତି। ପୋଲିସକୁ ଏ ଦିଗରେ କେତେକ ମାତ୍ରାରେ ସଫଳତା ମିଳିଛି। ଅନ୍ୟପଟେ କେତେକ ପେସାଦାର ଅପରାଧୀ ଏବେବି ବିଭିନ୍ନ ଅଞ୍ଚଳରେ ଆତଙ୍କ ଖେଳାଉଛନ୍ତି। ଏହି ଧାରାରେ ନରେନ୍ଦ୍ରପୁର, ଟାଟା କଲୋନୀ, ଶୀତଳାପଲ୍ଲୀ, ବଡ଼ଗୁମୁଳା ଓ ଲକ୍ଷ୍ମୀପୁର ଇତ୍ୟାଦି ଅଞ୍ଚଳରେ ଅଭିଯୁକ୍ତମାନେ ଏବେ ଗୁଣ୍ଡାରାଜ ଚଳାଇଛନ୍ତି। ଏମାନଙ୍କୁ ଗିରଫ କରିବା ସହ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସୋମବାର ଉପରୋକ୍ତ ଗାଁଗୁଡିକର ଶତାଧିକ ମହିଳା ଓ ପୁରୁଷ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ପହଞ୍ଚିଥିଲେ। ସେଠାରେ ୫ ଖଣ୍ଡ ଗ୍ରାମରୁ ଆସିଥିବା ଲୋକମାନେ ଉକ୍ତ ଅଞ୍ଚଳରେ ରହୁଥିବା ଅପରାଧୀଙ୍କୁ ଗିରଫ କରିବାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଉପରୋକ୍ତ ଗ୍ରାମବାସୀଙ୍କ ତରଫରୁ ଏକ ପ୍ରତିନିଧି ଦଳ ନରେନ୍ଦ୍ରପୁର ଗାଁ କମିଟି ସଭାପତି ପୀତାମ୍ବର ସେଠୀ, ସମ୍ପାଦକ ନରେନ୍ଦ୍ର ନାୟକ, ଇ.ବିଜୟ, ରାଜୁ ଜେନା, ହର ସାହୁ, ପ୍ରସାଦ ରାଓ ଆଚାରୀ, ପ୍ରଫୁଲ୍ଲ ବେହେରା ଓ ଦେବରାଜ ମହାଙ୍କୁଡ ପ୍ରମୁଖ ଏସ୍‌ପି ପିନାକ ମିଶ୍ରଙ୍କ ନିକଟରେ ନିଜ ଅଞ୍ଚଳର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସମ୍ପର୍କରେ ଗୁହାରି ଜଣାଇଥିଲେ। ପୋଲିସ ସଦାସର୍ବଦା ଲୋକଙ୍କ ସାଥୀରେ ଅଛି ଓ ରହିବ ବୋଲି ଏସ୍‌ପି ମିଶ୍ର କହିଥିଲେ। ଅପରାଧୀଙ୍କୁ ଆଦୌ ବରଦାସ୍ତ କରାଯିବ ନାହିଁ । ଏହା ସହିତ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ କାମ କରୁଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ନରେନ୍ଦ୍ରପୁର ଗ୍ରାମରେ ଘଟିଥିବା ଗଣ୍ଡଗୋଳକୁ ନେଇ ଚମାଖଣ୍ଡି ଥାନାରେ ଅଭିଯୋଗ ହେବା ପରେ ଥାନାରେ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି।

## ଆକ୍ରମଣ ମାମଲା ଜେଲ ଗଲେ ଫେରାର ଅଭିଯୁକ୍ତ

ଦିଗପହଣ୍ଡି,୧୯।୮(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ସୋମବାର ମହୁଡ଼ା ଚାଞ୍ଚଡ଼ାପଲ୍ଲୀ ଗ୍ରାମର କଟିକି ଓରଫ କୃଷ୍ଣ ସ୍ୱାଇଁଙ୍କୁ ଏକ ଆକ୍ରମଣ ମାମଲାରେ ଗିରଫ କରି ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି । ୨ ଅକ୍ଟୋବର ୨୦୧୮ ରାତି ପ୍ରାୟ ୧୦ଟାରେ ଗାଁ ଛକରେ ଗଣେଶ ପୂଜା ପାଇଁ ସଭା ଚାଲିଥିବା ବେଳେ ଅଭିଯୁକ୍ତ କୃଷ୍ଣ ଓ ତାଙ୍କ ସମର୍ଥକମାନେ ସେଠାରେ ପହଞ୍ଚି ସଭାରେ ଉପସ୍ଥିତ ଲୋକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ସେମାନେ ମାଉଜର ଦେଖାଇ ଗ୍ରାମବାସୀଙ୍କୁ ଭୟଭୀତ କରିଥିଲେ । ଏନେଇ ଗାଁ ମୁଖିଆ ଉପେନ୍ଦ୍ର ନାୟକଙ୍କ ଏତଲା କ୍ରମେ ପୋଲିସ ନଂ ୧୭୩/୧୮ ଦଫା ୨୯୪/୩୨୩/୩୪୧/୫୦୬ ଏବଂ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଆଇନ ଧାରା ୨୫ ଓ ୨୭ ଆର୍ମ୍ସ ଆକ୍ଟ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲା। ଗିରଫ ଭୟରେ ଅଭିଯୁକ୍ତ କଟିକି ଘଟଣା ଦିନଠାରୁ ଫେରାର ଥିଲେ । ପୂର୍ବରୁ ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜୁଲାଇ ୨୩ରେ ଚାଞ୍ଚଡ଼ାପଲ୍ଲୀ ଗ୍ରାମର ପପୁ ଓରଫ ନରେଶ ଓରଫ ପରେଶ ଲେଙ୍କା ଏବଂ ନୂଆ ଅନନ୍ତେଇ ଗ୍ରାମର ବାପ-ପୁଅ ଜିତେନ୍ଦ୍ର ସେଠୀ ଓ ଗୋପାଳ ସେଠୀଙ୍କୁ ଜୁଲାଇ ୨୯ ତାରିଖରେ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ମଧୁସ୍ମିତା ପ୍ରଧାନ କହିଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଖଲ୍ଲିକୋଟ କଲେଜ ନୂତନ ଅଧକ୍ଷା ହେଲେ ଉତ୍ତମା ଜେନା

ବ୍ରହ୍ମପୁର ଅଫିସ,୧୯।୮

ବ୍ରହ୍ମପୁର ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧକ୍ଷା ଭାବେ ଉତ୍ତମା ଜେନା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି, ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ. ପ୍ରତାପ ଚନ୍ଦ୍ର ପ୍ରଧାନଙ୍କଠାରୁ ସେ ଦାୟିତ୍ୱ ନେଇଛନ୍ତି । ଏହାପୂର୍ବରୁ ସେ ଓଡିଆ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ । ଦାୟିତ୍ୱ ଗ୍ରହଣ ପରେ ମହାବିଦ୍ୟାଳୟର ଶିକ୍ଷାଦାନରେ ଉନ୍ନତି, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୃଙ୍ଖଳା ବଜାୟ ରଖିବା ପ୍ରଧାନ ଲକ୍ଷ୍ୟ ଥିବା ସେ କହିଛନ୍ତି। ତେବେ ନୂତନ ଅଧକ୍ଷା ଜେନାଙ୍କ ଦାୟିତ୍ୱ ଗ୍ରହଣ ବେଳେ ପୂର୍ବତନ ଅଧକ୍ଷ ପ୍ରଶାନ୍ତ କୁମାର ଶତପଥୀଙ୍କ ସମେତ ସମସ୍ତ ଅଧାପିକା, ଅଧାପକ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଛନ୍ତି ।



ଦାୟିତ୍ୱ ଗ୍ରହଣ ପରେ ନୂତନ ଅଧକ୍ଷାଙ୍କୁ ପୂର୍ବତନ ଅଧକ୍ଷ ଶୁଭେଚ୍ଛା ଜଣାଉଛନ୍ତି ।

# ୪୯ନଂ. ଜିଲା ପରିଷଦ ସଭ୍ୟ ନିର୍ବାଚନକୁ ଅସିଦ୍ଧ

ବ୍ରହ୍ମପୁର ଅଫିସ,୧୯।୮

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବେଲଗୁଣ୍ଠା ବ୍ଲକ ୪୯ ନଂ. ଜିଲା ପରିଷଦ ପରାଜିତ ପ୍ରାର୍ଥିନୀ ରମା ଖଣ୍ଡୁଆଳ ଏହି ନିର୍ବାଚନକୁ ଆସିଦ୍ଧ ଦର୍ଶାଇ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ପିଟିଶନ ଦାଏର କରିଥିଲେ। ବିଜୟୀ ପ୍ରାର୍ଥିନୀ ରଞ୍ଜୁତା ଦଳବେହେରାଙ୍କର ୩ ସନ୍ତାନ ରହିଛି ବୋଲି ସେ ଦର୍ଶାଇବା ସହ କୋର୍ଟରେ ତାଙ୍କ ୩ ପିଲାଙ୍କ ଜନ୍ମ ପ୍ରମାଣପତ୍ରର କାଗଜପତ୍ର ଦାଖଲ କରିଥିଲେ। ସୋମବାର ଜିଲା ଦୌରା ଜଜ୍ ବିଭୁ ପ୍ରସାଦ ରାଉତରାୟ ଏହି ପିଟିଶନର ଶୁଣାଣି କରି ଓଡିଶା ଜିଲା ପରିଷଦ ଆକ୍ଟ ୧୯୯୧ ଅନୁଯାୟୀ ୪୯ ନଂ. ଜିଲା ପରିଷଦ ସଭ୍ୟଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଛନ୍ତି। ଏହାସହିତ ନିର୍ବାଚନ ଅଧିକାରୀଙ୍କୁ ବେଲଗୁଣ୍ଠା ବ୍ଲକ ୪୯ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ପାଇଁ ଖୁବଶୀଘ୍ର ନିର୍ବାଚନ କରିବାକୁ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜାମ ଜିଲାରେ ୨୦୧୭ ଫେବୃୟାରୀ ୧୭ରେ ପଞ୍ଚାୟତ ନିର୍ବାଚନ ହୋଇଥିଲା। ସେହିପରି ୨୦୧୭ ଫେବୃୟାରୀ ୨୫ରେ ନିର୍ବାଚନ ଘୋଷଣ ହୋଇଥିଲା। ଜିଲା ପରିଷଦ ସଭ୍ୟ ଭାବେ ରଞ୍ଜୁତା ୪୬ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ସେହିପରି ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ରମା ଏହି ନିର୍ବାଚନରେ ପରାସ୍ତ ହୋଇଥିଲେ। ପରେ ରମା ୨୦୧୭ ମାର୍ଚ୍ଚ ୩ରେ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଏକ ପିଟିଶନ ଦାଏର କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା ରାଲି

ବୁଗୁଡ଼ା,୧୯।୮(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବାଲିପଦରରେ ସୋମବାର ପୋଲିସ ତରଫରୁ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ଦିନକୁ ଦିନ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଥିବା ବେଳେ ବୁଗୁଡ଼ା ଓ ବାଲିପଦର ପୋଲିସ ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବୁଗୁଡ଼ା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ, ବାଲିପଦର ଆଇଓବି ଶାଖା ପରିଚାଳକ ରଶ୍ମିତା ସାହୁ ପ୍ରମୁଖ ଯୋଗଦେଇ ଟ୍ରାଫିକ ନିୟମାବଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ କଲେଜ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ବାଲିପଦର ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ସମ୍ପୃକ୍ତ କଲେଜର ଅଧାପକମାନେ ସହଯୋଗ କରିଥିଲେ ।

# ବରିଷ୍ଠ ଫଟୋଗ୍ରାଫର ସମ୍ବର୍ଦ୍ଧିତ

ବ୍ରହ୍ମପୁର ଅଫିସ,୧୯।୮

ବ୍ରହ୍ମପୁର ଫଟୋଗ୍ରାଫର୍ସ ଲେଫର ଆସୋସିଏଶନ ପକ୍ଷରୁ ସୋମବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଖଲ୍ଲିକୋଟ କଲେଜ ସମ୍ମୁଖରୁ ଶୋଭାଯାତ୍ରା ବାହାରି ପୁରୁଣା ବସ୍‌ଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ, ଅର୍ବାନ ବ୍ୟାଙ୍କ ରୋଡ, ଗିରିଜା ଛକ, ରାମଲିଙ୍ଗମ୍ ମନ୍ଦିର ଛକ ପ୍ରମୁଖ ଅଞ୍ଚଳ ପରିକ୍ରମା କରି ଖଲାସି ସାହିରେ ପହଞ୍ଚିଥିଲା। ଏହାପରେ ଖଲାସି ସାହି କଲ୍ୟାଣ ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଓରିଏଣ୍ଟାଲ ଫଟୋ ଷ୍ଟୁଡିଓର ବରିଷ୍ଠ ଫଟୋଗ୍ରାଫର ତ୍ରିନାଥ ସାବତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ଆସୋସିଏଶନ ସଭାପତି ବାପି ପଣ୍ଡା, ସମ୍ପାଦକ ଦୁର୍ଗା ରାଓ, ଉପସଭାପତି ଦୁର୍ଗା ପ୍ରସାଦ ଶତପଥୀ, ଯୁଗ୍ମ ସମ୍ପାଦକ ଶେଖର ଆଚାରି, କୋଷାଧକ୍ଷ ସୀତାରାମ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଦସ୍ୟ କାହ୍ନୁ ଚରଣ ଚୌଧୁରୀ, ନୂତନ ପାତ୍ର, ସ୍ୱରାଜ ମହାପାତ୍ର, ନୀଳମାଧବ ପାତ୍ର, ଲୋକନାଥ ଦାସ, କୋକୋନ ପଣ୍ଡା, ମନୋଜ ଦାସ, ଫଣି ଭୂଷଣ ସାହୁ, କେ. ରବିକୁମାର ଓ ଜୟରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।




ତ୍ରିନାଥ ସାବତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

■ କେଏଟିଏସ୍ ଆୟୁର୍ବେଦ ମହାବିଦ୍ୟାଳୟ : ଛାତ୍ର ସଂସଦ କାର୍ଯ୍ୟକାରିଣୀ ବୈଠକ

# କଲେଜ ସମସ୍ୟା ସମାଧାନକୁ ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୧୯।୮

ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦ ମହାବିଦ୍ୟାଳୟ ନୂତନ ଛାତ୍ର ସଂସଦର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ନୂତନ ସଭାପତି ରାଜେଶ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ କଲେଜ ଅଧକ୍ଷ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ ଯୋଗଦେଇ ଗତ ୧୪ତାରିଖରେ ନୂତନ ଭାବେ ଗଠିତ ଛାତ୍ର ସଂସଦର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ କଲେଜ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧରେ ଛାତ୍ର ସଂସଦ ଉପସଭାପତି ଶାଶ୍ୱତ ମାଧିୟା, ସାଧାରଣ ସମ୍ପାଦକ ସତ୍ୟନାରାୟଣ ପାଲ, ସହକାରୀ ସାଧାରଣ ସମ୍ପାଦକ ଶ୍ୟାମ ଶିଭମ୍ ମିଶ୍ର, ସାଂସ୍କୃତିକ ସମ୍ପାଦକ ତୀର୍ଯ୍ୟକ ତନ୍ମୟ ମିଶ୍ର, ସହକାରୀ ସାଂସ୍କୃତିକ ସମ୍ପାଦକ ଚନ୍ଦନ କୁମାର ପଲାଇ, ମାଗାଜିନ ସମ୍ପାଦକ ନିରଞ୍ଜନ ସାହୁ, ସହକାରୀ ମାଗାଜିନ ସମ୍ପାଦକ ଆଶୀର୍ବାଦ ମୁନି, ନାଟ୍ୟ ସମ୍ପାଦକ ଗିରିଜା ଶଙ୍କର ଆଚାର୍ଯ୍ୟ, ସହକାରୀ ନାଟ୍ୟ ସମ୍ପାଦକ ଜାହ୍ନବୀ ସାହୁ, କ୍ରୀଡା ସମ୍ପାଦକ ଦେବାଶିଷ ଶତପଥୀ, ସହକାରୀ କ୍ରୀଡା ସମ୍ପାଦକ ଆକାଶ ପାତ୍ର, ଏସ୍‌ଏସ୍‌ଜି ସମ୍ପାଦକ ଦେବସ୍ମିତା ଦାଶ, କ୍ଲାସ ରିପ୍ରେଜେଣ୍ଟେଟିଭ ଅବିନାଶ କର, ବିଜୟ କୁମାର ପାତ୍ର, ପ୍ରତୀକ ନନ୍ଦ, ମୋନାଲୀ ପ୍ରାଚୀପ୍ରଭା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ର ସଂସଦ ଉପଦେଷ୍ଟା ଡା. ବିମଳ କୁମାର ପଣ୍ଡାଙ୍କ ସମେତ ଡା. ସୁଷମା ମିଶ୍ର, ଡା. ଶିବ ପ୍ରସାଦ ରାଉତ, ଡା. ବଳରାମ ପ୍ରଧାନ, ଡା. ଅନନ୍ତ ସାଗର ଦାଶ, ଡା. ସୌଭାଗ୍ୟ ରଞ୍ଜନ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ ।



ନୂତନ ଛାତ୍ର ସଂସଦ କର୍ମକର୍ତ୍ତା ଓ ଉପଦେଷ୍ଟା ମଣ୍ଡଳୀ ବୈଠକ ।

## ସଂକ୍ଷେପରେ

### ବେଆଇନ ଇଟାଭାଟି ସିଲ୍

**ହିଞ୍ଜିଳିକାଟୁ/ ଆସିକା, ୧୯।୮(ଡି.ଏନ୍.ଏ):** ହିଞ୍ଜିଳିକାଟୁ ଓ ଆସିକା ତହସିଲ ଅଞ୍ଚଳରେ ବେଆଇନ ଗଢ଼ି ଉଠିଥିବା ଇଟାଭାଟିରେ ପ୍ରଶାସନ ପକ୍ଷରୁ ସୋମବାର ଚଢ଼ାଉ କରାଯାଇଥିଲା। ହିଞ୍ଜିଳିକାଟୁ ତହସିଲର ହିଞ୍ଜିଳି, ଚାନ୍ଦୁଲି, ଖରିଡ଼ା, ଧୋବାଡ଼ି ପାଟପୁର ଓ ସାହାପୁରର ବିଭିନ୍ନ ଚିମିନି ଇଟାଭାଟିରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଦେବରାଜ ପାତ୍ରଙ୍କ ନେତୃତ୍ୱରେ ପ୍ରଦୂଷଣ ବୋର୍ଡ଼ର ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରା ପ୍ରମୁଖ ଚଢ଼ାଉ କରିଥିଲେ। ଏନ୍‌ଜିଟି ନିର୍ଦ୍ଦେଶ ଅବମାନନା ଓ ପରିବେଶ ମଞ୍ଜୁରୀ ଅନୁମତି ଆଦି ନିୟମକୁ ଅବମାନନା କରିଥିବାରୁ ଅଞ୍ଚଳର ୬ ଚିମିନି ଇଟାଭାଟିରେ ନାଲି ପତାକା ଲଗାଯାଇ ଉକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। କୌଣସି ପରିସ୍ଥିତିରେ ଇଟା ବିକ୍ରି ନ କରିବାକୁ ମାଲିକଙ୍କୁ ନିର୍ଦ୍ଦେଶ କରାଯାଇଛି। ସେହିପରି ଆସିକା ତହସିଲ ଡୁଙ୍କୁଣୀ ଗ୍ରାମ ନିକଟରେ ଚାଲିଥିବା ଏକ ଚିମିନି ଇଟା ଭାଟିକୁ ସୋମବାର ମଧ୍ୟାହ୍ନରେ ସିଲ କରାଯାଇଛି। ଆସିକା ତହସିଲଦାର ସୁବାସ ଚନ୍ଦ୍ର ସେଠିଆଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗୀୟ କର୍ମଚାରୀ ଇଟା ଭାଟି ନିକଟରେ ନାଲି ପତାକା ଲଗାଇ ସିଲ କରିଥିଲେ। ଘଟଣା ସମ୍ପର୍କରେ ତହସିଲଦାର ସେଠିଆଙ୍କୁ ପଚାରିବାରୁ ଇଟା ଭାଟି ଚଳାଇବା ଲାଗି ଆବଶ୍ୟକୀୟ ପରିବେଶ ମଞ୍ଜୁରୀ ନ ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସିଲ କରିଦିଆଯାଇଥିବା କରିଛନ୍ତି।

### ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ ମେଳା

**କୋଦଳା, ୧୭।୮(ଡି.ଏନ.ଏ.):** କୋଦଳା ଏନ୍‌ଏସି ପରିସରରେ ଶନିବାର ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ଉପସ୍ଥିତ ରହି ପ୍ରାୟ ୮୦ ଜଣଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ପରିଚାଳନା କରିଥିଲେ।

### ମଦ ଜବତ, ୨ ଗିରଫ

**ଆସିକା, ୧୯।୮ (ଡି.ଏନ୍.ଏ):** ଗାଙ୍ଗପୁର ଥାନା ଇଲାକାରେ ଚୋରା ମଦ ବିକ୍ରି ଅଭିଯୋଗରେ ସୋମବାର ଅପରାହ୍ନରେ ପୋଲିସ ୨ଜଣଙ୍କୁ କୋର୍ଟଚାଲାଣ କରିଛି। ରବିବାର ସନ୍ଧ୍ୟାରେ ବୋରି ଗ୍ରାମରେ ବିଦେଶୀ ମଦ ଦୋକାନରେ ଚଢ଼ାଉ କରି ୩୪ ବିୟର ବୋତଲ (୨୨ ଲିଟର) ଜବତ ସହ ଅଭି ନାୟକଙ୍କୁ ଗିରଫ କରାଯାଇଛି। ସେହିପରି ସୋମବାର ସକାଳେ କ୍ଷତ୍ରିୟବରପୁର ଛକରୁ ୨୦୦ ମି.ଲି ୪୨ ପାଉଚ ମଦ ପ୍ୟାକେଟ ଜବତ କରିବା ସହ ବାସୁ ବିଷୋୟୀଙ୍କୁ ଗିରଫ କରାଯାଇଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ. ୧୩୨, ୧୩୩/୧୯ରେ ଦୁଇଟି ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି।

### ପୁରସ୍କାର ବିତରଣ ଉତ୍ସବ

**ଗଞ୍ଜାମ, ୧୯।୮(ଡି.ଏନ.ଏ.):** ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ଥିବା ମଧ ଇଂରାଜୀ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ଅବସରରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ଉମାକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ପଟ୍ଟନାୟକ, ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରାଫିକ ସଚେତନତା ଶିବିର

**ଶେରଗଡ଼, ୧୯।୮(ଡି.ଏନ୍.ଏ.):** ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଟ୍ରାଫିକ ସଚେତନତା ଶିବିର ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଶେରଗଡ଼ ଥାନାଧିକାରୀ ରମେଶ ଚନ୍ଦ୍ର ଦାସ ଅଧକ୍ଷତା କରିଥିବା ବେଳେ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୂର୍ଯ୍ୟମଣି ପ୍ରଧାନ, ଶେରଗଡ଼ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧକ୍ଷ ଲୋକନାଥ ପରିଡ଼ା, ବିଜୁପଟ୍ଟନାୟକ କଲେଜ ଅଧକ୍ଷ ଗୌରହରି ବିଶୋଇ, ଆମ ପୋଲିସର ସଭ୍ୟ ବି.ଚେଇନ ପାତ୍ର ଯୋଗଦେଇ ହେଲ୍‌ମେଟ ବ୍ୟବହାର, ନିଶାସକ୍ତ ହୋଇ ଗାଡି ନ ଚାଳାଇବା, ଟ୍ରାଫିକ ନିୟମ ମାନିବାକୁ କୁହାଯାଇଥିଲା। ଆମ ପୋଲିସ ଶେରଗଡ଼ ପକ୍ଷରୁ ଆୟୋଜିତ ଶିବିରରେ ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର

## ଅଭିଯୁକ୍ତ ଗିରଫ

**ବାଲିଆପାଳ/ବସ୍ତା, ୧୯।୮(ସ୍ୱ.ପ୍ର.)**

ଶିଶୁକନ୍ୟାମାନଙ୍କ ପ୍ରତି ଅସଦାଚରଣ, ବଳାତ୍କାର ରୋକିବା ଲାଗି କଠୋର ଦଣ୍ଡ ପ୍ରଣୟନ କରାଯାଇଛି। ଏସବୁ ସତ୍ତ୍ୱେ ସେମାନଙ୍କ ପ୍ରତି ଅତ୍ୟାଚାର କମିବାର ନାଁ ନେଉନି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ବସ୍ତା ବ୍ଲକ ସିଂଲା ଥାନା ଅଞ୍ଚଳରେ। ଏହି ଅଞ୍ଚଳର ଏକ ୪ବର୍ଷର ଶିଶୁକନ୍ୟାକୁ ତାଙ୍କ ସମ୍ପର୍କୀୟ ଭାଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା (ନଂ. ୧୨୦/୧୯) ରୁଜୁ କରାଯାଇଛି। ଅଭିଯୁକ୍ତ ସଞ୍ଜୟ ଦାସ(୩୪)ଙ୍କୁ ଗିରଫ କରାଯାଇ ତଦନ୍ତ ଆରମ୍ଭ ହୋଇଛି ବୋଲି ଏସ୍‌ପି ବି.ଯୁଗଳକିଶୋର କୁମାର ସୂଚନା ଦେଇଛନ୍ତି। ଗତ ୧୭ତାରିଖରେ ଜଣେ ୪ବର୍ଷର ଶିଶୁକନ୍ୟା ଘର ଅଗଣାରେ ଖେଳୁଥିଲେ। ଏହି ସମୟରେ ପଡ଼ୋଶୀ ଘର ସମ୍ପର୍କୀୟ ଭାଇ ସଞ୍ଜୟ ତାଙ୍କୁ ଘରୁ ପାଣି ଆଣିବାକୁ କହିଥିଲେ। ଶିଶୁକନ୍ୟା ଏ ନେଇ ତାଙ୍କ ମାଙ୍କୁ ଜଣାଇଥିଲେ। ତାଙ୍କ ମା' ନଳକୂପରୁ ପାଣି ଆଣି ଭାଇଙ୍କୁ ଦେଇ ଆସିବାକୁ କହିଥିଲେ। ସମ୍ପୃକ୍ତ ଶିଶୁକନ୍ୟା ପାଣି ନେଇଯିବାରୁ ସଞ୍ଜୟ ତାଙ୍କୁ ଘର ଭିତରକୁ ଡାକି ନେଇ ଅତି ନିର୍ମମ ଭାବେ ବଳାତ୍କାର କରିବା ସହ ଶରୀରର ବିଭିନ୍ନ ସ୍ଥାନକୁ କ୍ଷତାକ୍ତ କରି ପକାଇ ଦେଇଥିଲେ। ଝିଅ ଆସିବା ବିଳମ୍ବ ହେବାରୁ ମା' ଖୋଜିବାକୁ ଯାଇଥିଲେ। ଝିଅଟି କାନ୍ଦି କାନ୍ଦି ଆସି ମା'ଙ୍କୁ ସବୁ କଥା କହିଥିଲେ। ପରେ ଏନେଇ ଗ୍ରାମରେ ବିଚାର ହୋଇଥିଲା। ହେଲେ ସଞ୍ଜୟ ସେଠାରୁ ପଳାଇ ଯାଇଥିଲେ। ପରିବାର ଲୋକ ତୁରନ୍ତ ଶିଶୁକନ୍ୟାକୁ ଚିକିତ୍ସା ପାଇଁ ବସ୍ତା ଡାକ୍ତରଖାନାକୁ ନେଇ ଆଣିଥିଲେ। ଶିଶୁକନ୍ୟାଙ୍କ ପରିବାର ଲୋକେ ପ୍ରଥମେ ଚାଇଲ୍ଡଲାଇନର ବାଲିଆପାଳ ମୁଖ୍ୟ ପ୍ରଶାନ୍ତ ରାଉତଙ୍କୁ ଜଣାଇଥିଲେ। ଶିଶୁକନ୍ୟାଙ୍କ ଜେଜେବାପା ସୋମବାର ସିଂଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ଏଡିଜେ ଶ୍ରୀନିବାସ ପଡ଼ିହାରୀ ମତବ୍ୟକ୍ତ କରୁଛନ୍ତି।

## ଖଲ୍ଲିକୋଟ ବାର ଆସୋସିଏଶନର ସେମିନାର

**ଖଲ୍ଲିକୋଟ, ୧୯।୮(ଡି.ଏନ.ଏ.)**

ଖଲ୍ଲିକୋଟ କୋର୍ଟ ବାର ଆସୋସିଏଶନ ଗୃହରେ ସୋମବାର ସେମିନାର ଅନୁଷ୍ଠିତ ହୋଇଯାଇଛି। ବାର ସଭାପତି ରାଜେନ୍ଦ୍ର ପ୍ରସାଦ ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିଜେ (ଆଡିସନାଲ ଡିଷ୍ଟ୍ରିକ୍ଟ ଜଜ୍) ଶ୍ରୀନିବାସ ପଡ଼ିହାରୀ, ସବ୍‌ଜଜ୍ ଅଲେଖ କୁମାର ପ୍ରଧାନ, ଜେଏମଏଫସି ଶ୍ରାନ୍ତାଶ୍ରୀ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସେମିନାରରେ ସମସ୍ତ ମାଜିଷ୍ଟ୍ରେଟ ବିଭିନ୍ନ ଆଇନ ଉପରେ ମତବ୍ୟକ୍ତ କରିଥିଲେ। କେଉଁ ଅପରାଧଗୁଡ଼ିକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାରାଧୀନ, ସେସନ୍ସ କୋର୍ଟରେ ବିଚାର, ରିଟର୍ନ ଷ୍ଟେଟମେଣ୍ଟ, ଟ୍ରାୟଲ ଓ ଅପିଲ ଆଦି ଉପରେ ଉଦାହରଣ ଦେଇ ବୁଝାଇଥିଲେ। ଏହି ସେମିନାରରେ ବରିଷ୍ଠ ଆଇନଜୀବୀ ବିନାୟକ ସାହୁ, ପ୍ରଫୁଲ୍ଲ ପଲାଇ, ପ୍ରଶାନ୍ତ କୁମାର ପଣ୍ଡା, ସନ୍ତୋଷ କୁମାର ମିଶ୍ର, ନୀଳାମ୍ବର ଶତପଥୀ ଓ ଅଭିମନ୍ୟୁ ଗୌଡ଼ଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଶେଷରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ସଂସ୍ଥାନର କର୍ମକର୍ତ୍ତା ଶିବ ଆରାଧନା ଉପରେ ମତବ୍ୟକ୍ତ କରିଥିଲେ ଏବଂ ପ୍ରସାଦ ସେବନ କରାଯାଇଥିଲା।

## ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

**ବେଗୁନିଆପଡା, ୧୯।୮(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଖଣ୍ଡିଆନଈ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ସୋମବାର କୋଦଳା ଥାନା ପକ୍ଷରୁ ସଡ଼କ ସୁରକ୍ଷା ଓ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଦଳା ଥାନାଧିକାରୀ ଦିଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ସେଠୀ, ବେଗୁନିଆପଡା ଜନତା ହାଇସ୍କୁଲ ପ୍ରଧାନଶିକ୍ଷକ କେ.ଭୀମରାଜୁ ପାତ୍ର, ବେଗୁନିଆପଡା ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା, ଜନତା ବିଜ୍ଞାନ କଲେଜ ଅଧାପକ ଗୌରାଙ୍ଗ ଚରଣ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ଉପରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ହୋଇଥିବା ଏକ ସଚେତନତା ରାଲିକୁ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲିରେ ବେଗୁନିଆପଡା ଜନତା କଲେଜ ଓ ଜନତା ହାଇସ୍କୁଲ ଛାତ୍ରୀଛାତ୍ର, ବେଗୁନିଆପଡା ଅଞ୍ଚଳର ସମସ୍ତ ଅଟୋ ସଂଘ ସଦସ୍ୟ ସାମିଲ ହୋଇ ବେଗୁନିଆପଡା ବଜାର ପରିକ୍ରମା କରିଥିଲେ। କୋଦଳା ଓ ବେଗୁନିଆପଡା ପୋଲିସର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସଚେତନତା ରାଲିକୁ ତହସିଲଦାର ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ଜନ ସଚେତନତା ଶିବିର ଅନୁଷ୍ଠିତ

**ଶଙ୍କରାଖୋଲ, ୧୯।୮(ଡି.ଏନ.ଏ.)**

ଟିକାବାଲି ବ୍ଲକରେ ଜୀବିକା ସୁରକ୍ଷା ମଞ୍ଚ ଓ ଲୋକ ସଙ୍ଗଠନ ପକ୍ଷରୁ ସୋମବାର ଲୋକ ସହାୟତା ଜନସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ମାସର ପ୍ରତ୍ୟେକ ସପ୍ତାହର ସୋମବାର ଉକ୍ତ ଶିବିର କରାଯିବ। ବ୍ଲକର ୧୧ ପଞ୍ଚାୟତର ଜନସାଧାରଣ ନିଜର ବ୍ୟକ୍ତିଗତ ସହ ସାମୂହିକ ସମସ୍ୟା ଉପରେ ବିଡିଓଙ୍କୁ ଅବଗତ କରାଇବେ। ଏହା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣିବା ପରେ ତା'ର ସ୍ଥାୟୀ ସମାଧାନ କରିବା ପାଇଁ ବ୍ୟବସ୍ଥା କରିବେ। କାର୍ଯ୍ୟକ୍ରମକୁ ଜୀବିକା ସୁରକ୍ଷାମଞ୍ଚ ଓ ଲୋକ ସଙ୍ଗଠନ ପକ୍ଷରୁ ପଦକ୍ଷେପ ନିଆଯାଇ ଆରମ୍ଭ କରାଯାଇଛି। ଏଥିରେ ମଞ୍ଚର ସଭାନେତ୍ରୀ ଅମ୍ବିକା ପ୍ରଧାନଙ୍କ ସହ ସଭ୍ୟାସଭ୍ୟ ଶିବି ପ୍ରଧାନ, ଉମେଶ ପ୍ରଧାନ, ଟିପୁ ପ୍ରଧାନ, ସୁରେଶନ ଦିଗାଳ ପ୍ରମୁଖ ଉପସ୍ଥିତ ଥିଲେ।



## ଜୀବିକା ସୁରକ୍ଷା ମଞ୍ଚର ଦାବିପତ୍ର ପ୍ରଦାନ


ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ଓ ପୁରୁଷମାନେ।

**କ.ନୂଆଗାଁ, ୧୯।୮(ଡି.ଏନ.ଏ.)**

କ.ନୂଆଗାଁ ବ୍ଲକ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଶତାଧିକ ଭତ୍ତା ହିତାଧିକାରୀ କଞ୍ଚାମଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଭତ୍ତା ହିତାଧିକାରୀଙ୍କୁ ମାସିକା ଭତ୍ତା ୩୦୦୦ ଟଙ୍କା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଅନୁପସ୍ଥିତିରେ ସହକାରୀ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବର୍ତ୍ତମାନ ବଜାରରେ ପ୍ରତ୍ୟେକ ଜିନିଷର ଦରଦାମ ବୃଦ୍ଧି ପାଇବାରୁ ମାସିକ ୫୦୦ ଟଙ୍କାରେ ଜଣେ ଚଳିବା କଷ୍ଟକର ହେଉଛି। ତେଣୁ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି। ଏଥିରେ ଜୀବିକା ସୁରକ୍ଷା ମଞ୍ଚର ସଭାପତି ମୀନକେତନ ଦିଗାଲ, ସଂଯୋଜକ ସିଦ୍ଧେଶ୍ୱର ନାୟକ, ଦିଲୀପ ପୂଜାରୀ, ରାଜୀବ ପ୍ରଧାନ, ବିପ୍ର ପ୍ରଧାନ ବୀରେନ୍ଦ୍ରଦିଗାଳପ୍ରମୁଖଯୋଗଦେଇଥିଲେ।

## କ୍ଷତିଗ୍ରସ୍ତଙ୍କୁ ଭେଟିଲେ ଅତିରିକ୍ତ ଜିଲାପାଳ


କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରୁଛନ୍ତି ଅତିରିକ୍ତ ଜିଲାପାଳ।

**ଚିକିଟି, ୧୯।୮(ଡି.ଏନ.ଏ.)**

ଚିକିଟି ବ୍ଲକର ସମୁଦ୍ର ତଟବର୍ତ୍ତୀ ରାମେୟାପାଟଣା ଗ୍ରାମରେ ଗତ ୧୪ ତାରିଖରେ ଜୁଆର ମାଡ଼ରେ କେତେକ ଘର କ୍ଷତିଗ୍ରସ୍ତ ହୋଇଥିଲା। ସୋମବାର ମଧ୍ୟାହ୍ନରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଉକ୍ତ ଗ୍ରାମକୁ ଯାଇ ଭାଙ୍ଗିଥିବା ବାସଗୃହ ବୁଲି ଦେଖିବା ସହ କ୍ଷତିଗ୍ରସ୍ତ ପରିବାରକୁ ଭେଟିଥିଲେ। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ମଧ ପଚାରି ବୁଝିଥିଲେ। ଏସବୁ ସମସ୍ୟା ତୁରନ୍ତ ସମାଧାନ ହେବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଅତିରିକ୍ତ ଜିଲାପାଳଙ୍କ ଗସ୍ତ ବେଳେ ଚିକିଟି ତହସିଲଦାର ହରପ୍ରସାଦ ଭୋଇ, ରାଜସ୍ୱ ନିରୀକ୍ଷକ ଗିରିଜାଭୂଷଣ ମଳିକ ଉପସ୍ଥିତ ଥିଲେ।

## ୮୫ ଅଭିଯୋଗ ଶୁଣିଲେ ଜିଲାପାଳ

**ଆର.ଉଦୟଗିରି, ୧୯।୮(ଡି.ଏନ.ଏ.)**

ଗଜପତି ଜିଲା ନୂଆଗଡ଼ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅନୁପମ ସାହା ବ୍ଲକ ଅଞ୍ଚଳର ୮୫ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୨୬ଟି ଗ୍ରାମ୍ୟ ସମସ୍ୟା ଏବଂ ୫୯ଟି ବ୍ୟକ୍ତିଗତ ସମସ୍ୟା ରହିଥିଲା। ଗ୍ରାମ୍ୟ ସମସ୍ୟା ମଧ୍ୟରେ ବ୍ଲକ ଅଧକ୍ଷା ଗୁଡୁବାଇ ମଣ୍ଡଳ ପରିମଳ, ସୁନ୍ଦରଡ଼ାଙ୍ଗ, ସମ୍ବଲପୁର, କିରାମା, ଅନୁଗୁରୁ ଏବଂ ଉଦୟପୁର ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନ ଓ ଏକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିବା ପାଇଁ ଦାବି କରିଥିଲେ। ଏଥିସହ ଉକ୍ତ ଅଞ୍ଚଳରେ ବ୍ୟାଙ୍କ, ସରଳାପଦର ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ଶୌଚାଳୟ ନିର୍ମାଣ, ଏନ. ଝାଲେରସିଂ ଗ୍ରାମରେ ଥିବା ବାଳିକା ବିଦ୍ୟାଳୟ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ କରିବା, ସମ୍ବଲପୁରର ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବାସରେ ସ୍ନାନଗାର ଓ ଶୌଚାଳୟ ନିର୍ମାଣ କରିବାକୁ ଅଧକ୍ଷା ଦାବି ଜଣାଇଥିଲେ। ସେହିପରି କିରାମା ଗ୍ରାମର ହାଇସ୍କୁଲକୁ ଶିକ୍ଷକ ଓ କର୍ମଚାରୀ ଯୋଗାଇ ଦେବାକୁ ଦାବି ହୋଇଥିଲା। ତିତ୍‌ଲିରେ କ୍ଷତିଗ୍ରସ୍ତ ହୋଇଥିବା ପୁଡ଼ାଗୁମା ଗ୍ରାମର ୨୦ ଜଣଙ୍କୁ କ୍ଷତିପୂରଣ ନିମନ୍ତେ ଦାବି କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ରେଡକ୍ରସ ପାଣ୍ଠିରୁ ୮ ଜଣଙ୍କୁ ୭୫ ହଜାର ଟଙ୍କା ଚିକିତ୍ସା ନିମନ୍ତେ ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଚାଞ୍ଚଲ୍ୟ ରଣା, ବିଡିଓ ପ୍ରଫୁଲ କୁମାର କୁଡୁମୁ, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

## ନବୋଦୟ ସ୍କୁଲରେ ଶିକ୍ଷକ, ଅଭିଭାବକ ବୈଠକ

**ପାତ୍ରପୁର, ୧୯।୮(ଡି.ଏନ.ଏ.)**

ସୁରଙ୍ଗିସ୍ଥିତ ନବୋଦୟ ବିଦ୍ୟାଳୟରେ ସୋମବାର ଶିକ୍ଷକ ଓ ଅଭିଭାବକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଆର. କେ. ଶର୍ମା, ଉପାଧକ୍ଷା ଆର. ଦମୟନ୍ତୀଙ୍କ ତତ୍ତ୍ୱାବଧାନରେ ଚଳିତ ଶିକ୍ଷାବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଛି। ବିଦ୍ୟାଳୟର ଉନ୍ନତିମୂଳକ କାମକୁ ସୁଚାରୁ ରୂପେ ତୁଲାଇବା ପାଇଁ ଏହି କମିଟି ଦାୟିତ୍ୱ ବହନ କରିଛି। ବୈଠକରେ ଅଧକ୍ଷ ବିବରଣୀ ପାଠ ସହ ସିବିଏସ୍‌ଇ ଫଳାଫଳ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାର୍ଥୀମାନେ କ୍ରୀଡ଼ା, ସଙ୍ଗୀତ, ନୃତ୍ୟ, କଳା ଆଦିରେ ରାଜ୍ୟ ଓ ରାଜ୍ୟ ବାହାରେ ଉଚ୍ଚକୋଟିର ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଥିବାରୁ ଉପାଧକ୍ଷା ସେମାନଙ୍କୁ ପ୍ରଶଂସା କରିଥିଲେ। ଶ୍ରୀମଦ୍ ଭଗବତ ଗୀତା ପ୍ରତିଯୋଗିତାରେ ରାଜ୍ୟ ଓ କ୍ଷେତ୍ରୀୟସ୍ତରରେ ସୁନାମ ଅର୍ଜନ କରିଥିବା ୩ ବିଦ୍ୟାର୍ଥୀଙ୍କୁ ବୈଠକରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଗଣିତ ଅଧ୍ୟାପିକା ଗୀତାଶ୍ରୀ ତରାଇ ଓ ଧୋବା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ମଞ୍ଚାସୀନ ଅତିଥି।

## ଏନ୍‌ଏଚ୍‌ଏମ୍ ଟିମର ଜି.ଉଦୟଗିରି ହସ୍ପିଟାଲ ପରିଦର୍ଶନ


ଏନ୍‌ଏଚ୍‌ଏମ୍ ଦଳ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟ ପରିଦର୍ଶନ କରୁଛନ୍ତି।

**ଜି.ଉଦୟଗିରି, ୧୯।୮(ଡି.ଏନ.ଏ.)**

ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ)ର ଏକ ଦଳ ସୋମବାର ସନ୍ଧ୍ୟାରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ସେମାନେ ଔଷଧ ବିତରଣ କେନ୍ଦ୍ର, ସେବିକା ପ୍ରକୋଷ୍ଠ, ଇନଡୋର ପ୍ରକୋଷ୍ଠ, ଏକ୍ସ-ରେ, ଆଉଟଡୋର ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଲଡିଙ୍ଗ ଅନୁଧ୍ୟାନ କରି ସମ୍ପ୍ରସାରଣ କରାଯିବ ବୋଲି କହିଛନ୍ତି। ଏହା ସହିତ ଅର୍ଦ୍ଧନିର୍ମିତ ଷ୍ଟାଫ କ୍ୱାଟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ଆକଳନ କରିବା ପାଇଁ ଏନ୍‌ଏଚ୍‌ଏମ୍‌ର ଷ୍ଟେଟ ପ୍ରୋଗ୍ରାମ ମ୍ୟାନେଜର ଅଦ୍ୱୈତ ପ୍ରଧାନ ଦଳରେ ଥିବା ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏସ୍‌ପିଏମ୍‌ଙ୍କ ସହିତ ଡ. ବିକେ ସ୍ୱାଇଁ, ପିକେ ମହାପାତ୍ର, ଏସ୍‌କେ ନାୟକ, ଦିଲୀପ ଦାସ ଓ ୟୁନିସେଫର ଦୀପକ କୁମାର ବିଶ୍ୱାସ, ଡିପିଏମ ବୁଲୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହାପ୍ରୟାଣ ଗାଡ଼ି ସମ୍ପର୍କରେ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ନେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ।

### ବଜ୍ରପାତରେ ବଳଦ, ଗୋରୁଙ୍କ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ତହସିଲଦାରଙ୍କୁ ସ୍ମାରକପତ୍ର

**ଦିଗପହଣ୍ଡି, ୧୯।୮(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ବାଲିବାଡ଼ ଗ୍ରାମରେ ବଜ୍ରପାତରେ ୧୭ ବଳଦ, ଗୋରୁଙ୍କ ମୃତ୍ୟୁ ଘଟିଥିଲା। ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ କ୍ଷତିପୂରଣ ପ୍ରଦାନ ବିଳମ୍ବ ପ୍ରତିବାଦରେ ସୋମବାର ସାମାଜିକ କର୍ମୀ ଇଂ. ଉତ୍ତମ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ, ସୁଶାନ୍ତ କୁମାର ଷଡ଼ଙ୍ଗୀ, ରଘୁନାଥ ସାମନ୍ତରାଙ୍କ ନେତୃତ୍ୱରେ ଚାଷୀବୃନ୍ଦ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କୁ ଭେଟି ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ମୃତ ବଳଦ ଓ ଗାଇଙ୍କ ବ୍ୟବଚ୍ଛେଦ ରିପୋର୍ଟ ମିଳିଛି। ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟକୁ ଭିତ୍ତିକରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ କ୍ଷତିପୂରଣ ପ୍ରଦାନ ପାଇଁ ଗଞ୍ଜାମ ଜିଲାପାଳଙ୍କୁ ସୁପାରିସ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ଗତ ଜୁନ ୮ ତାରିଖରେ ବାଲିବାଡ଼ ଗାଁ ଛକ ନିକଟରେ ବଜ୍ରପାତ ଘଟିବାରୁ ୧୭ ବଳଦ ଓ ୨ ଗୋରୁ ମୃତ୍ୟୁବରଣ କରିଥିଲେ। ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ପ୍ରାଣୀ ଚିକିତ୍ସକ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଥିଲେ। ପ୍ରଶାସନ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅଦ୍ୟାବଧି ଜିଲାପାଳଙ୍କ କାର୍ଯ୍ୟାଳୟକୁ ତଦନ୍ତ ରିପୋର୍ଟ ପଠାଇନଥିବାରୁ ଚାଷୀମାନେ କ୍ଷତିପୂରଣ ଅର୍ଥରାଶି ପାଇନଥିବା ସାମାଜିକ କର୍ମୀ ଇଂ. ଉତ୍ତମ କୁମାର ପାଣିଗ୍ରାହୀ କହିଛନ୍ତି।


ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରି ଫେରୁଛନ୍ତି ଚାଷୀ ଓ ସାମାଜିକ କର୍ମୀ ବୃନ୍ଦ।

## ସଂକ୍ଷେପରେ

### ପୋଲିସ ଗାଡ଼ିକୁ ଧକ୍କା, ଟ୍ରକ ଚାଳକ ଗିରଫ

**ଛତ୍ରପୁର,୧୯।୮(ଡି.ଏନ.ଏ):** ଛତ୍ରପୁର ପୋଲିସ ପାଟ୍ରୋଲିଂ ଗାଡିକୁ ଗତ ୧୭ ତାରିଖ ରାତିରେ ଦେଇଥିବା ଏକ ଟ୍ରକର ଚାଳକ ଗିରଫ ହୋଇଛନ୍ତି। ସେ ହେଲେ ରାଜସ୍ଥାନର ଘନଶ୍ୟାମ ସ୍ୱାମୀ। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ୧୭ ତାରିଖ ରାତିରେ ତାମ୍ପରା ସମ୍ମୁଖ ଏକ ଢାବା ନିକଟସ୍ଥ ଜାତୀୟ ରାଜପଥରେ ପୋଲିସ ପାଟ୍ରୋଲିଂ ଗାଡିକୁ ଟ୍ରକ୍ (ନଂ.ଆର୍ ଜେ ୧୪ଜିଜେ ୫୯୨୭) ଧକ୍କା ଦେଇଥିଲା। ଏ ନେଇ ଛତ୍ରପୁର ପୋଲିସ ଏକ ମାମଲା (ନଂ.୧୮୩/୧୯) ରୁଜୁ କରିଥିଲା।

### ମ୍ୟୁଜିକାଲ କ୍ରିଏଟିଭର ସାଂସ୍କୃତିକ ସନ୍ଧ୍ୟା

**ରାଇକିଆ,୧୯।୮(ଡ଼ି.ଏନ.ଏ.):** କନ୍ଧମାଳ ଜିଲା ରାଇକିଆ ମ୍ୟୁଜିକାଲ କ୍ରିଏଟିଭ ଆସୋସିଏଶନ ତରଫରୁ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଭୟ ନୃତ୍ୟ ଓ ସଂଗୀତ ପାଇଁ ଅଡ଼ିସନରେ ମନୋନୀତ କଳାକାରଙ୍କୁ କଳା ପ୍ରଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା। ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ରୋଦନ ମଲିକ ଯୋଗ ଦେଇଥିବା ବେଳେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକ ପ୍ରତିନିଧିମାନେ ମଧ ଯୋଗ ଦେଇଥିଲେ। ସ୍ଥାନୀୟ ପ୍ରତିଭାବାନ କଳାକାରମାନଙ୍କୁ ସୁଯୋଗ ଦେବା ପାଇଁ ପ୍ରତ୍ୟେକ ବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାରୁ ଅତିଥିମାନେ ଏ ନେଇ ସାଧୁବାଦ ଜଣାଇଥିଲେ। ଆସୋସିଏଶନ ତରଫରୁ ସଭାପତି ହେମନ୍ତ ମହାରଣା, ଉପସଭାପତି ସନ୍ତୋଷ ଦିଗାଳ, ସମ୍ପାଦକ ଦିବାକର ଦିଗାଳ, ସନକ ଦିଗାଳ, ରାଜଭୂଷଣ ନାୟକ ଏବଂ ସମସ୍ତ ସଦସ୍ୟ ଏହାକୁ ପରିଚାଳନା କରିଥିଲେ।

### ଟ୍ରାଫିକ ସମସ୍ୟା ନେଇ ଆଲୋଚନା

**ଆସିକା,୧୯।୮(ଡି.ଏନ୍.ଏ):** ଆସିକା ସହରର ପ୍ରବେଶପଥ ଲକ୍ଷ୍ମୀବଜାର, ବିନାୟକ ବଜାର ଏବଂ ସରକାରୀ ଡାକ୍ତରଖାନା ରାସ୍ତାରେ ଦିନକୁ ଦିନ ଉଠା ବ୍ୟବସାୟୀଙ୍କ ଭିଡ ଓ ଜବରଦଖଲ ନେଇ ସହରରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏହାର ସମାଧାନ ଲାଗି ସ୍ଥାନୀୟ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଶନିବାର ଆସିକା ଥାନା ପରିସରରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଉକ୍ତ ବଜାରର ବ୍ୟବସାୟୀଙ୍କୁ ନେଇ ଏକ ଆଲୋଚନା ହୋଇଥିଲା। ସମ୍ପୃକ୍ତ ରାସ୍ତାରେ ଉଠାଦୋକାନୀଙ୍କୁ ଉଠାଇ ହାଟପଦା ନିକଟରେ ଥିବା ଅବ୍ୟବହୃତ ପରିବା ବଜାର ଜାଗାରେ ଥଇଥାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ବାଣୀବିହାର ସଂଲଗ୍ନ ସରକାରୀ ଡାକ୍ତରଖାନା ରାସ୍ତାରେ ହୋଇଥିବା ଜବର ଦଖଲକୁ ହଟାଇ ସଂପୃକ୍ତ ରାସ୍ତାରେ ଜନସାଧାରଣଙ୍କ ଯାତାୟାତ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ସକାଳ ୯ଟା ପରେ ବଜାରରେ ୪ଚକିଆ ଯାନକୁ ବନ୍ଦ କରିବା ଲାଗି ଆଲୋଚନା କରାଯାଇଥିଲା।

# ଭଞ୍ଜନଗରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

- ଡେପୁଟେଶନରେ ଯାଇଥିବା ଡାକ୍ତରଙ୍କୁ ଫେରାଇ ଆଣିବା ଦାବି
- ବଡ଼ନଦୀ ଡାଇଭର୍ସନ ନିର୍ମାଣ ଦାବିରେ ବିକ୍ଷୋଭ

**ଭଞ୍ଜନଗର,୧୯।୮(ଡି.ଏନ.ଏ)**

ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ । ଜିଲାପାଳଙ୍କ ନିକଟକୁ ମୋଟ ୨୮୬ ଅଭିଯୋଗ ଆସିଥିଲା। ସେଥିରୁ ଅଧିକାଂଶ ରାଶନ କାର୍ଡ଼, ବିଭିନ୍ନ ଭତ୍ତା ଓ ସରକାରୀ ସହାୟତା ସମ୍ପର୍କିତ ଅଭିଯୋଗ ଥିଲା। ଅଭିଯୋଗ ଶୁଣାଣିରେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୭ଜଣଙ୍କୁ ୧ଲକ୍ଷ ୨୦ ହଜାର ଟଙ୍କା ଏବଂ ରେଡ଼କ୍ରସରୁ ୫ଜଣଙ୍କୁ ୨୧ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

ଭଞ୍ଜନଗର ଡାକ୍ତରଖାନାରେ ୨୩ ଡ଼ାକ୍ତର ରହିବା ବଦଳରେ ବର୍ତ୍ତମାନ ଅଛନ୍ତି ୧୦ ଜଣ। ସେଥିମଧ୍ୟରୁ ୩ ଜଣଙ୍କୁ ଡ଼େପୁଟେଶନରେ ଅନ୍ୟତ୍ର ପଠାଯାଇଛି। ଏହାଦ୍ୱାରା ରୋଗୀ ସେବା ପ୍ରଭାବିତ ହେଉଥିବାରୁ କଂଗ୍ରେସ ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଛି । ଏ ନେଇ ପିସିସି ସଭ୍ୟ ଦେବୀ ବିଷୋୟୀଙ୍କ ନେତୃତ୍ୱରେ କଂଗ୍ରେସ ନେତାମାନେ ଜିଲାପାଳଙ୍କୁ ଭେଟି ଡ଼େପୁଟେଶନ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି । ନଚେତ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ବିଷୋୟୀ ସୂଚନା ଦେଇଛନ୍ତି। ଏଥିସହ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ମେଶିନକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ମଧ ଦାବି କରାଯାଇଛି । କଂଗ୍ରେସ ନେତା ପ୍ରଶାନ୍ତ ବିଷୋୟୀ, ନାରାୟଣ ସେଠୀ, ଟୁନା ସାହୁ, ଅଯୋଧ୍ୟାନାଥ ମହାପାତ୍ର, ସୀମାଞ୍ଚଳ ବିଷୋୟୀ ଏହି ଦାବି ଜଣାଇଛନ୍ତି। ସେହିପରି କିଛିଦିନ ପୂର୍ବେ ବର୍ଷାରେ ବେଲଗୁଣ୍ଠା ନିକଟସ୍ଥ ଚଢ଼େୟାପଲ୍ଲୀ ଅସ୍ଥାୟୀ ରାସ୍ତା ଧୋଇଯାଇଥିଲା । ନୂତନ ସେତୁ କାମ ଧିମାରେ ଚାଲିଛି । ତେଣୁ ତୁରନ୍ତ ଅସ୍ଥାୟୀ ରାସ୍ତା ତିଆରି କରିବା ପାଇଁ ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଦାବି ନେଇ ସୋମବାର ଶତାଧିକ ଲୋକ ଶୋଭାଯାତ୍ରାରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଚଢ଼େୟାପଲ୍ଲୀଠାରେ ବଡ଼ନଦୀ ଉପରେ ଥିବା ଲୁହା ସେତୁଟି କ୍ଷତିଗ୍ରସ୍ତ ହୋଇଥିଲା। ତେଣୁ ନୂଆ ସେତୁ କାମ ଚାଲିଛି । ଅସ୍ଥାୟୀ ରାସ୍ତା ଧୋଇ ଯିବା ପରେ ବେଲଗୁଣ୍ଠା ଭାୟା ବାଲିପଦର ବୁଗୁଡ଼ା ଯାତାୟାତ ବନ୍ଦ ଅଛି । ଅଭିଯୋଗ ଶୁଣାଣି ସମୟରେ ଗଞ୍ଜାମ ଏସ୍‌ପି ବ୍ରିଜେଶ ରୟ, ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ୍ ପ୍ରମୁଖ ଉପସ୍ଥିତ ଥିଲେ ।


ଜିଲାପାଳ ଆପତ୍ତି ଅଭିଯୋଗ ଶୁଣାଣି କରୁଛନ୍ତି ।



ଅସ୍ଥାୟୀ ରାସ୍ତା ନିର୍ମାଣ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### କିରୋସିନ ଢ଼ାଳି ମହିଳାଙ୍କ ଆତ୍ମହତ୍ୟା

**ଗୋପାଳପୁର,୧୯।୮**

ଗୋପାଳପୁର ଥାନା ରାମଚନ୍ଦ୍ରପୁର ଗ୍ରାମର ଜଣେ ମହିଳା ମାନସିକ ଭାରସାମ୍ୟ ହରାଇ ସୋମବାର ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୀତା ବେହେରା। ଉକ୍ତ ଗ୍ରାମର ଜଗନ୍ନାଥ ବେହେରା ବାଲାଜୀପେଣ୍ଠ ସାହିର ଗୀତା ବେହେରାଙ୍କୁ ୮ ବର୍ଷ ତଳେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ଜଗନ୍ନାଥ ମାନସିକ ବିକାରଗ୍ରସ୍ତ ହୋଇପଡ଼ିଥିଲେ। ଫଳରେ ଗୀତା ବିଭିନ୍ନ ସମୟରେ ଦୁଶ୍ଚିନ୍ତାରେ ରହୁଥିଲେ। ସନ୍ଧ୍ୟା ୬ଟାରେ ଶାଶୁ ଶ୍ୱଶୁର ବିଲକୁ କାମ କରିବାକୁ ଯାଇଥିବା ବେଳେ ଗୀତା ମାନସିକ ଭାରସାମ୍ୟ ହରାଇ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ ମଧ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛନ୍ତି। ଏ ନେଇ ନଂ. ୨୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଥାନାଧିକାରୀଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି। ଏଥିରେ କେହି ସମ୍ପୃକ୍ତ ଥିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଗୀତାଙ୍କ ୫ ବର୍ଷର ଝିଅ ଅଛି।

■ ଘୁମୁସର କ୍ୟାରମ ଟୁର୍ନାମେଣ୍ଟ

## ଡବଲ୍ସରେ ଶଙ୍କର, ଜିତେନ୍ଦ୍ର, ସିଙ୍ଗଲ୍ସରେ ଆୟାଜ୍ ଚାମ୍ପିୟନ


ଚାମ୍ପିୟନ ଏବଂ ରନର୍ସଅପ୍ ଖେଳାଳିଙ୍କ ଗହଣରେ ଅତିଥିମାନେ ।

**ଭଞ୍ଜନଗର,୧୯।୮(ଡି.ଏନ.ଏ)**

ଭଞ୍ଜନଗର ଭଞ୍ଜ ସାହିତ୍ୟ ପରିଷଦରେ ୩ଦିନ ଧରି ଚାଲିଥିବା ଘୁମୁସର କ୍ୟାରମ୍ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଡବଲ୍ସ ଫାଇନାଲ ମ୍ୟାଚ୍ ଶଙ୍କର ପ୍ରଧାନ, ଜିତେନ୍ଦ୍ର ଜେନା ଯୋଡ଼ି ସହ ପ୍ରେମକୁମାର ପାତ୍ର ଓ ବସନ୍ତ ବାରିକଙ୍କ ମଧ୍ୟରେ ହୋଇଥିଲା । ଏଥିରେ ଶଙ୍କର ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ସେହିପରି ସିଙ୍ଗଲ୍ସ ଯୋଡ଼ିରେ ମହମ୍ମଦ ଆୟାଜ ଓ ଚିନ୍ମୟ ଆଚାରୀଙ୍କ ମଧ୍ୟରେ ହୋଇଥିଲା। ଏଥିରେ ମହମ୍ମଦ ଆୟାଜ ଚାମ୍ପିୟନ ହୋଇଥିଲେ। ଶ୍ରେଷ୍ଠ ଶୃଙ୍ଖଳିତ ଖେଳାଳି ଭାବେ ସିଙ୍ଗଲ୍ସ ରନର୍ସଅପ୍ ହୋଇଥିବା ଚିନ୍ମୟ ଆଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟରେ ଅଞ୍ଚଳର ୨୯ଟି ଟିମ୍ ଭାଗ ନେଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଆଇନଜୀବୀ ରଞ୍ଜିତ କୁମାର ମିଶ୍ର ଅଧକ୍ଷତା କରିଥିଲେ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟଅତିଥି, ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ, ଘୁମୁସର କଲେଜ ସଭାପତି ଅମରନାଥ ରଥ, ଶୂଳପାଣି ଶତପଥୀ, ପଞ୍ଚାନନ ପାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ପୂର୍ବତନ ବରିଷ୍ଠ କ୍ୟାରମ୍ ଖେଳାଳି ପି.ଆନନ୍ଦ ରାଓ, ବାବା ଖାନ୍, ପ୍ରଦୀପ ପ୍ରଧାନ, ପି.କେ.ପଣ୍ଡା, ଫିରୋଜ ଖାନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶରତ ମହାନ୍ତି ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଶୀଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ନୂତନ କର୍ମକର୍ତ୍ତା ନିର୍ବାଚନ

**ବୁଗୁଡ଼ା,୧୯।୮(ଡି.ଏନ.ଏ.)**

ନିଖିଳ ଉତ୍କଳ ଆଳୀୟ ଖଣ୍ଡାୟତ ସମାଜ ଗହଙ୍ଗୁ ମଣ୍ଡଳ ବିଷ୍ଣୁଚକ୍ରପଲ୍ଲୀର ସୋମବାର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ଏଥିପାଇଁ ବୁଗୁଡ଼ା ବ୍ଲକ ବିଷ୍ଣୁଚକ୍ରରେ ଉକ୍ତ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୂର୍ଯ୍ୟ ନାରାୟଣ ପରିଡ଼ା ସଭାପତିତ୍ୱ କରି ସଭା ପରିଚାଳନା କରିଥିଲେ। ବୈଠକରେ ସମାଜର ବିଭିନ୍ନ ସାଙ୍ଗଠନିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ନିର୍ବାଚନ ଅଧିକାରୀ ଭଗବାନ ମହାନ୍ତିଙ୍କ ଉପସ୍ଥିତିରେ ବିଷ୍ଣୁଚକ୍ରପଲ୍ଲୀ ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ନିର୍ବାଚନରେ ସଭାପତି ଭାବେ ପ୍ରଫୁଲ୍ଲ ପରିଡ଼ା, ସମ୍ପାଦକ ନାରାୟଣ ମହାନ୍ତି, ଉପସଭାପତି ଧୋବା ସ୍ୱାଇଁ, କୋଷାଧକ୍ଷ ମନୋଜ ପରିଡ଼ା, ସହ ସମ୍ପାଦକ ମନୋଜ ବାରିକ ଓ ସଦସ୍ୟ ଭାବେ ସୂର୍ଯ୍ୟ ବାରିକ, ମଣ୍ଡଳ ସଦସ୍ୟ ଭାବେ ମନୋଜ ବିଷୋୟୀ ପ୍ରମୁଖ ନିର୍ବାଚିତ ହୋଇଥିଲେ। ସୁବାସ ଚନ୍ଦ୍ର ମହାନ୍ତି, ଗଣି ପରିଡ଼ା, ଗୌର ପରିଡ଼ା, ମହେଶ୍ୱର ମହାନ୍ତି, ରମେଶ ମହାନ୍ତି ପ୍ରମୁଖ ସଭ୍ୟମାନେ ଯୋଗ ଦେଇଥିଲେ।

## ଜିଲାପାଳଙ୍କ ଉପଖଣ୍ଡସ୍ତରୀୟ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ଭଞ୍ଜନଗର,୧୯।୮(ଡି.ଏନ.ଏ)**

ଭଞ୍ଜନଗର ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ସୋମବାର ଉପଖଣ୍ଡସ୍ତରୀୟ ଉନ୍ନୟନ କାର୍ଯ୍ୟର ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କେତେକ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ମଧ ପରାମର୍ଶ ଦେଇଥିଲେ। ସମୀକ୍ଷା ବେଳେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର, ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଜିଲାପାଳ କେନ୍ଦ୍ରୀୟ ବିଦ୍ୟାଳୟକୁ ଯାଇ ସେଠାରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପୁରୁଣା କୋଠା ମରାମତି, ଶିକ୍ଷକ ନିଯୁକ୍ତି, ଗତବର୍ଷ ଏବଂ ଚଳିତ ବର୍ଷର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ନୂଆ କୋଠା ନିର୍ମାଣ ପାଇଁ ଆର୍‌ଟିଓ ଅଫିସ ନିକଟରେ ଜମି ନିଆଯାଇଛି । ମାତ୍ର କିଛି ସମସ୍ୟା ଯୋଗୁ କାମ ଆରମ୍ଭ ହୋଇପାରୁନାହିଁ। ଖୁବଶୀଘ୍ର ସମସ୍ୟା ସମାଧାନ କରି ବିଦ୍ୟାଳୟ କାମ ଆରମ୍ଭ କରିବାକୁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ର ଭଞ୍ଜନଗର କଲେଜ ବିଜ୍ଞାନଗାର ବ୍ୟବହାର କରୁଛନ୍ତି। କଲେଜ ଅଧାପିକା ଅଧାପକମାନେ ମଧ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ସହଯୋଗ କରିବା ଉତ୍ତମ ପରମ୍ପରା ବୋଲି ବୈଠକରେ ସଭ୍ୟାସଭ୍ୟମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ସଭ୍ୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି, ମେଡ଼ିକାଲ ଅଧିକ୍ଷକ ଡ଼.ପୀତାମ୍ବର ଦାସ, ପଦ୍ମନାଭ ପ୍ରଧାନ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ, ବିଦ୍ୟାଳୟ ଅଧକ୍ଷ ଜି.ମାର୍କେଣ୍ଡେଲୁ, ସଭ୍ୟା ବିଇଡ଼ି କଲେଜ ଅଧକ୍ଷା ସରୋଜିନୀ ବରେଇ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ମୋଷ୍ଟ ୱାଣ୍ଟେଡ ଗଞ୍ଜେଇ ବ୍ୟବସାୟୀ ଗିରଫ

**ଫୁଲବାଣୀ ଅଫିସ, ୧୯।୮:** ପୋଲିସ ଆଖିରେ ଧୂଳି ଦେଇ ବୁଲୁଥିବା ଗଞ୍ଜେଇ ବ୍ୟବସାୟୀ ବାଳକୃଷ୍ଣ ସ୍ୱାଇଁ ଶେଷରେ ଗିରଫ ହୋଇଛନ୍ତି। ତାଙ୍କ ଘର ଫୁଲବାଣୀ ସହର ଇଲେକ୍ଟ୍ରି ସାହିରେ। ତୁମୁଡିବନ୍ଧ ପୋଲିସ ତାଙ୍କଠାରୁ ୫୦ କେଜି ଗଞ୍ଜେଇ ଓ ଏକ ବାଇକ ଜବତ କରିଛି। ବାଳକୃଷ୍ଣଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି । ପ୍ରାୟ ୨/୩ ବର୍ଷ ହେବ ବାଳକୃଷ୍ଣ ତାଙ୍କ ସାମ୍ରାଜ୍ୟ ବିସ୍ତାର ଆରମ୍ଭ କରିଥିଲେ । ଫିରିଙ୍ଗିଆ, ଗୋଚ୍ଛାପଡା, ବାଲନ୍ଦାପଡା ବାଲିଗୁଡା ଆଦି ଅଞ୍ଚଳକୁ କେତେବେଳେ ପୋଲିସ ତ ଅନ୍ୟ କେତେବେଳେ ଅବକାରୀ କର୍ମଚାରୀ ସାଜି ଗଞ୍ଜେଇ ଚାଲାଣକାରୀ ନଚେତ ବେଆଇନ ଚାଷୀଙ୍କ ପାଖରେ ପହଞ୍ଚୁଥିଲେ ବାଳକୃଷ୍ଣ। ନିଜକୁ ପୋଲିସ, ଅବକାରୀ କର୍ମଚାରୀ ବୋଲି ମିଛ ପରିଚୟ ଦେଇ ସେମାନଙ୍କ ପାଖରୁ ଅର୍ଥ ଆଦାୟ କରିବା ସହ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଲୁଟି ଆଣୁଥିଲେ। ନିଜ ସ୍ୱାର୍ଥପାଇଁ କେତେଜଣ ଅବକାରୀ କର୍ମଚାରୀ ତାଙ୍କୁ ଏଥିରେ ସାହାଯ୍ୟ କରୁଥିଲେ । ସେହି କେତେଜଣଙ୍କ ଲାଗି ଅବକାରୀ ବିଭାଗ ବଦ୍‌ନାମ ହେଉଥିଲେ ମଧ କିଛି କରାଯାଇପାରୁ ନ ଥିଲା। କାରଣ ବାଳକୃଷ୍ଣ ସେମାନଙ୍କ ମୁଖା ଖୋଲିଦେବେ ବୋଲି ଧମକ ଦେଇ ଆସୁଥିଲେ। ପୋଲିସରେ ଖବର ଦେବାପାଇଁ କେହି ସାହସ କରି ପାରୁ ନ ଥିଲେ । ମାତ୍ର ଗୋଇନ୍ଦା ବିଭାଗ ବାଳକୃଷ୍ଣଙ୍କ ଉପରେ ତୀକ୍ଷଣ ନଜର ରଖିଥିଲା । ତୁମୁଡିବନ୍ଧ ପୋଲିସ ଗୁଇନ୍ଦା ସୁତ୍ର ଆଧାରରେ ବାଳକୃଷ୍ଣଙ୍କୁ ରବିବାର ତୁମୁଡିବନ୍ଧଠାରୁ ୫ କିମି ଦୂର ବାଲିଗୁଡା ରାସ୍ତାର ଦଡଙ୍ଗ ଘାଟିରୁ କାବୁ କରିଛି। ବାଇକ୍(ଓଡି ୧୨- ୪୯୨୦)ରେ ସେ ଗଞ୍ଜେଇ ନେଇ ଯାଉଥିବା ବେଳେ ଧରାପଡିଛନ୍ତି। ଏ ନେଇ ଥାନାରେ ନଂ.୫୮/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି।

### ରୁପା ବ୍ୟାଗ ଲୁଟି ନେଲେ ଦୁର୍ବୃତ୍ତ

**ଗଞ୍ଜାମ,୧୯।୮(ଡି.ଏନ୍.ଏ.)**

ଗଞ୍ଜାମ ଥାନା ବଡ଼ବଜାର ସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍ ସମୁଖ ଏକ ଚାହା ଦୋକାନ ଆଗରେ ଓଡ଼ିଆ ଢାମଣା ସାହିର ରୂପା ବ୍ୟବସାୟୀ ସନ୍ତୋଷ କୁମାର ନାୟକଙ୍କ ରୁପା ବ୍ୟାଗ ଲୁଟ୍ ହୋଇଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ସନ୍ତୋଷ ସକାଳ ପ୍ରାୟ ସାଢ଼େ ୮ଟାରେ ବ୍ୟବସାୟ ପାଇଁ ନିଜ ବାଇକ୍‌ରେ ବାହାରିଥିଲେ। ରାସ୍ତାରେ ସେ ଏକ ଚା ଦୋକାନରେ ବାଇକ୍ ରଖି ଚା ପିଉଥିବା ସମୟରେ କେହି ଦୁର୍ବୃତ୍ତ ତାଙ୍କର ରୁପା ବ୍ୟାଗ ଲୁଟି ନେଇଥିଲେ। ବ୍ୟାଗରେ ୫ କେ ଜି ଓଜନର ରୂପା ଥିବା ସନ୍ତୋଷ ସନ୍ଧ୍ୟାରେ ପୋଲିସକୁ କହିଛନ୍ତି। ଏ ନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

■ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି

## ୮ରେ ସ୍ୱଚ୍ଛ, ସବୁଜ ଛତ୍ରପୁର କାର୍ଯ୍ୟକ୍ରମ

**ଛତ୍ରପୁର,୧୯।୮(ଡି.ଏନ.ଏ.)**

ଛତ୍ରପୁର ପଣ୍ଡିତ ନୀଳକଣ୍ଠ କଲେଜ ସମ୍ମିଳନୀ ଗୃହରେ ପୂର୍ବତନ ସରପଞ୍ଚ ପ୍ରଦୀପ ଦାସଙ୍କ ଅଧକ୍ଷତାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସେପ୍ଟେମ୍ବର ୮ରେ ଛତ୍ରପୁର ଷ୍ଟାଡିୟମରେ ସ୍ୱଚ୍ଛ ଛତ୍ରପୁର ସବୁଜ ଛତ୍ରପୁର କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଛତ୍ରପୁର ଷ୍ଟାଡିୟମକୁ ସଫା କରାଯିବାକୁ ସ୍ଥିର ହୋଇଛି । ୮ ତାରିଖ ସନ୍ଧ୍ୟାରେ ଛତ୍ରପୁର ସଂସ୍କୃତି ଭବନରେ ବିଜୁ ପଟ୍ଟନାୟକ ପଲ୍ଲୀଶ୍ରୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । କାର୍ଯ୍ୟକ୍ରମ ଆୟୋଜନର ପ୍ରସ୍ତୁତି ନେଇ ଏଥିରେ ଆଲୋଚନା ହୋଇଥିଲା । ପ୍ରତି ମାସ ଶେଷ ରବିବାର ଛତ୍ରପୁର ଷ୍ଟାଡିୟମକୁ ସଫା କରିବା ଏବଂ ଛତ୍ରପୁରରେ ଥିବା ମ୍ୟାଲେରିଆ ଓ ଫାଇଲେରିଆ ବିଭାଗକୁ କ୍ରିୟାଶୀଳ କରିବାକୁ ନେଇ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ କଲେଜ ଅଧକ୍ଷ ଡ. ରାଜେନ୍ଦ୍ର ଦାଶ ପ୍ରସ୍ତାବ ଦେଇଥିଲେ। ବିଭିନ୍ନ ସଂଗଠନକୁ ନେଇ ଚାରାରୋପଣ କରିବାକୁ ଅପର ବସ୍‌ଷ୍ଟାଣ୍ଡ ବ୍ୟବସାୟୀ ସଂଘ ସଭାପତି ବି. ରାଜୁ ବାବୁ ପ୍ରସ୍ତାବ ରଖିଥିଲେ । ବୈଠକରେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ମହାଶକ୍ତି ବଣିକ ସଂଘ ସଭାପତି କିଶୋର ଚନ୍ଦ୍ର ସେନାପତି, ସୟଦ ମୁକ୍ତାର, ଗ୍ରନ୍ଥାଗାରିକ ଅମିୟ ଧଳ, ଆୟୁବ ଖାନ୍ ଓ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପୁଣି ଏକ ବୈଠକ ଡକାଯିବ ଏବଂ କାର୍ଯ୍ୟକ୍ରମ ଆୟୋଜନ ନେଇ ବିସ୍ତୃତ ଭାବେ ଆଲୋଚନା ହେବ ବୋଲି ସ୍ଥିର ହୋଇଛି।


ପୂର୍ବତନ ବିଧାୟକ, ନଗରପାଳ ପ୍ରମୁଖ ଉପସ୍ଥିତ।

■ ପୁଅ ହତ୍ୟାକାରୀଙ୍କୁ ଗିରଫ ଦାବି

## ଅତିରିକ୍ତ ଏସ୍‌ପିଙ୍କୁ ଭେଟିଲେ ମା’

**ଛତ୍ରପୁର,୧୯।୮(ଡି.ଏନ.ଏ)**

କବିସୂର୍ଯ୍ୟନଗର ଥାନା ଆଠଗଡପାଟଣା ଗ୍ରାମର ଶୋଭା ସେଠୀ ସୋମବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କ ସାନପୁଅର ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ସାନପୁଅ ପ୍ରଶାନ୍ତଙ୍କୁ ହତ୍ୟା କରାଯାଇଛି। ଏହାର ଠିକ୍ ଭାବେ ତଦନ୍ତ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀଙ୍କୁ ଭେଟି ଶୋଭା ଅନୁରୋଧ କରିଛନ୍ତି। ଶୋଭା କହିଛନ୍ତି ଯେ, ୨୦୧୮ ଡିସେମ୍ବର ୨୪ ତାରିଖରେ ସାନପୁଅ ପ୍ରଶାନ୍ତ ଅର୍ଜୁନପଲ୍ଲୀ ଗାଁରେ ସରକାରୀ ମହୁଲି ମଦ ବିକ୍ରି କରୁଥିବା ବେଳେ ତାଙ୍କୁ କେତେଜଣ ଲୋକ ମାଡମାରି ରକ୍ତାକ୍ତ କରି ଦେଇଥିଲେ । ପରେ ସ୍ଥାନୀୟ ଲୋକେ ପ୍ରଶାନ୍ତଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ଡାକ୍ତରଖାନାକୁ ନେଇଥିଲେ । ଚିକିତ୍ସା ପରେ ପ୍ରଶାନ୍ତଙ୍କୁ ଘରକୁ ଅଣାଯିବା ପରଦିନ ସେ ପୁଣି ଅସୁସ୍ଥ ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ଏହାର ୭ ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା । ଭାଇଙ୍କୁ ହତ୍ୟା କରାଯାଇଥିବା ଏବଂ ଏଥିରେ ସମ୍ପୃକ୍ତଙ୍କ ସମ୍ପର୍କରେ ସୁରଟରେ ରହୁଥିବା ପ୍ରଶାନ୍ତଙ୍କ ଭଉଣୀ କେତେଜଣଙ୍କଠାରୁ ଶୁଣିବା ପରେ ଓଡିଶା ଆସି ମା’ଙ୍କୁ କହିଥିଲେ । ପରେ ପ୍ରଶାନ୍ତଙ୍କ ବଡ଼ ଭାଇ, ଭଉଣୀ ଓ ମା’ ଛତ୍ରପୁର ଆସି ଘଟଣା ସମ୍ପର୍କରେ ଅତିରିକ୍ତ ଏସପିଙ୍କୁ ଜଣାଇଛନ୍ତି। ପୁରୁଷୋତ୍ତମପୁର ଏସଡିପିଓ ମଙ୍ଗଳବାର ପ୍ରଶାନ୍ତଙ୍କ ଭଉଣୀଙ୍କ ବୟାନ ରେକର୍ଡ କରିବେ ଏବଂ ଏହାପରେ ଘଟଣାର ପୁନଃ ତଦନ୍ତ ହେବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।


ଅତିରିକ୍ତ ଏସ୍‌ପିଙ୍କୁ ଭେଟୁଛନ୍ତି ମୃତକଙ୍କ ମା’।

### ବମକେଇରେ ପୁଣି ରାଜନୈତିକ ହିଂସା

# ଭାଜପା ସଙ୍ଗଠକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ

**ଦିଗପହଣ୍ଡି,୧୯।୮(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବମକେଇ ପଞ୍ଚାୟତରେ ପୁଣି ରାଜନୈତିକ ହିଂସା ଘଟିଛି। ଭାଜପାର ସଙ୍ଗଠକ ଟୁନା ପ୍ରଧାନଙ୍କୁ ୩ ଜଣ ଯୁବକ ଆକ୍ରମଣ କରିଛନ୍ତି। ଚାଷଜମିରେ କାମ ସାରି ଟୁନା ସାଙ୍ଗଙ୍କ ସହ ଫେରୁଥିବା ବେଳେ ସିନ୍ଧୁଖାଳିଗାଁ ନଳକୂପ ନିକଟରେ ପୂର୍ବ ଯୋଜନା ପ୍ରକାରେ ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ରବିବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଟୁନାଙ୍କ ମୁଣ୍ଡକୁ ସମ୍ପୃକ୍ତ ଯୁବକ ଲୁହାଛଡ଼ରେ ବାଡ଼େଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଟୁନାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ତ୍ରୀ ଦଣ୍ଡାଶୁଣୀଙ୍କ ଏତଲାକୁ

## ୩ ଅଭିଯୁକ୍ତ ଫେରାର

ଭିତ୍ତି କରି ନଂ. ୧୫୦/୧୯ରେ ମାମଲା ରୁଜୁ କରାଯାଇଥିବା କେ.ନୂଆଗାଁ ଆଇଆଇସି ମାଧବାନନ୍ଦ ନାୟକ କହିଛନ୍ତି ।

ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଟୁନା ଜଣଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। ଆକ୍ରମଣର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଟୁନାଙ୍କୁ ହତ୍ୟା ଉଦ୍ୟମ କରିଥିବା ତଦନ୍ତକାରୀ ପୋଲିସ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ବେହେରା କହିଛନ୍ତି। ଗିରଫ ଭୟରେ ଅଭିଯୁକ୍ତମାନେ ଫେରାର ଅଛନ୍ତି।

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା

## ଥାନାରେ ମାମଲା ରୁଜୁ

**ପୋଲସରା,୧୯।୮ (ଡି.ଏନ.ଏ.)**

ପୋଲସରା ଥାନା ବାନାର୍ଜି କଲୋନୀ ନିକଟରେ ଶୁକ୍ରବାର ରାତିରେ ୨ଜଣ ଯୁବକଙ୍କୁ ଦୁର୍ବୃତ୍ତମାନେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ଶରତ କୁମାର ସାହୁ ଓ ଦୀପକ କୁମାର ସାହୁ ଗୁରୁତର ଆହତ ହୋଇଥିଲେ। ଏ ନେଇ ଶରତଙ୍କ ବଡ଼ଭାଇ ଅଭିମନ୍ୟୁ ରବିବାର ରାତିରେ ଲିଖିତ ଅଭିଯୋଗ କରିଛନ୍ତି । ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ନଂ. ୧୬୮/୧୯ରେ ମାମଲା ରୁଜୁ କରିବା ସହ କେତେଜଣ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ ଚଳାଇଛନ୍ତି। ଆହତ ଶରତଙ୍କ ଅବସ୍ଥାରେ ଉନ୍ନତି ହେଉଥିବା ପରିବାର ଲୋକେ କହିଛନ୍ତି। ଶୀଘ୍ର ଆକ୍ରମଣକାରୀମାନଙ୍କୁ ଧରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## କାତିରେ ଆକ୍ରମଣ କରି ଯୁବକ ଗିରଫ

**ବୁଗୁଡ଼ା,୧୯।୮(ଡି.ଏନ.ଏ.)**

ବୁଗୁଡ଼ା ଥାନା କୈଳାସ ନଗରର ଜଣେ ଯୁବକଙ୍କୁ କାତିରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ସୋମବାର ଜଣଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଶତ୍ରୁସୋଲ ଗ୍ରାମର କାମରାଜୁ ନାୟକ । ଏ ନେଇ ନଂ. ୧୬୪/୧୯ରେ ଏକ ମାମଲା ରୁଜୁ ହୋଇଥିଲା। କୈଳାସ ନଗରର ପାଣ୍ଡୁ ନାୟକ ରବିବାର ସନ୍ଧ୍ୟାରେ ଶତ୍ରୁଶୋଲ ଗ୍ରାମକୁ ମୂଲିଆ ଯୋଗାଡ଼ କରିବା ପାଇଁ ଯାଇଥିଲେ। ଏହି ସମୟରେ ସେହି ଗ୍ରାମର କାମରାଜୁଙ୍କ ସହ ମୂଲିଆ ଯୋଗାଡ଼ ସମ୍ପର୍କରେ କଥାବାର୍ତ୍ତା ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ଗାଳିଗୁଲଜ, ମାରପିଟ ହେବାରୁ କାମରାଜୁ ଗୋଟିଏ କାତିରେ ପାଣ୍ଡୁଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଥିଲେ। ଆହତ ପାଣ୍ଡୁଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏନେଇ ସେ ରବିବାର ରାତିରେ ଥାନାରେ ଅଭିଯୋଗ କରିଥିଲେ।

## ଜ୍ଞାନବିଜ୍ଞାନ ମେଳା

**କୋଦଳା,୧୯।୮(ଡି.ଏନ.ଏ.):** କୋଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଷ୍ଟାଦଶତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଚତୁର୍ଥ ଶ୍ରେଣୀ ଠାରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେଇ ପ୍ରାୟ ୭୦ଟି ପ୍ରକଳ୍ପ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବେ ସିଆରସି ରବି ନାରାୟଣ ଶତପଥୀ ଯୋଗଦେଇଥିବା ବେଳେ ଅଞ୍ଚଳର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ବିଜ୍ଞାନ, ଗଣିତ ଶିକ୍ଷକମାନେ ବିଚାରକ ଭାବେ ଉପସ୍ଥିତ ଥିଲେ।

## ଭାଉଜଙ୍କୁ ଗାଳିଗୁଲଜ କରି ଦିଅର ଗିରଫ

**ବୁଗୁଡ଼ା,୧୯।୮(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅଞ୍ଚଳରେ ଭାଉଜଙ୍କୁ ଗାଳିଗୁଲଜ ସହ ଟଣାଓଟରା କରିବା ଅଭିଯୋଗରେ ପୋଲିସ ସୋମବାର ତାଙ୍କ ଦିଅରଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ପୂର୍ଣ୍ଣ ସାମଲ (ପୁନିଆ)। ଭାଉଜଙ୍କ ଅଭିଯୋଗକ୍ରମେ ବୁଗୁଡ଼ା ପୋଲିସ ନଂ. ୧୬୩/୧୯ରେ ଏକ ମାମଲା ରୁଜୁ କରିଥିଲା। ପାରିବାରିକ ଶତ୍ରୁତାକୁ ନେଇ ଗତ ବୁଧବାର ପୂର୍ଣ୍ଣ ତାଙ୍କ ଭାଉଜଙ୍କୁ ଗାଳିଗୁଲଜ କରିବା ସହ ଟଣାଓଟରା କରିଥିଲେ। ଏ ନେଇ ଶନିବାର ଭାଉଜ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ପରେ ପୋଲିସ ପୂର୍ଣ୍ଣଙ୍କୁ ଗିରଫ କରିଥିଲା।















2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ